# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**29 MAY– 2026**

---

## ପ୍ରଧାନମନ୍ତ୍ରୀଙ୍କ ଗସ୍ତ

ରାଜ୍ୟରେ ବିଜେପି ସରକାରର ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଆସିବାର କାର୍ଯ୍ୟସୂଚୀ ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଭୁବନେଶ୍ୱରରେ ଆୟୋଜିତ ନାଗରିକ ଅଭିନନ୍ଦନ ସମାରୋହରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀ ବିକଶିତ ଭାରତ ପାଇଁ ପୂର୍ବ ଭାରତର କେନ୍ଦ୍ର ଭାବେ ଓଡ଼ିଶାର ବିକାଶକୁ ଗୁରୁତ୍ୱ ଦେଇଛନ୍ତି । ଶ୍ରୀ ମୋଦୀ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରେ ପ୍ରଥମ ୧୫ ମାସରେ ୭ ଥର ଓଡ଼ିଶାକୁ ଗସ୍ତ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

---

## ଏସ୍.ଆଇ.ଆର୍.

ରାଜ୍ୟରେ ଆସନ୍ତାକାଲିଠାରୁ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍.ଆଇ.ଆର୍. ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ଏହା ପୂର୍ବରୁ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ଏସ୍. ଗୋପାଳନ୍ ଭୁବନେଶ୍ୱରରେ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିବେ ।

ଜନଗଣନାପାଇଁ ଚାଲିଥିବା ଘର ଗଣନା ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ସମୟସୂଚୀ ନିର୍ଦ୍ଧାରିତ କରାଯାଇଛି । ରାଜ୍ୟରେ ହେବାକୁ ଥିବା ଏସ୍.ଆଇ.ଆର୍. ପ୍ରକ୍ରିୟାରେ ୩୮ ହଜାର ୧୨୩ ଜଣ ବୁଥ୍‌ସ୍ତରୀୟ ଅଧିକାରୀ ଘରକୁ ଘର

ବୁଲି ମତଦାତାଙ୍କ ତଥ୍ୟ ଯାଞ୍ଚ୍ କରିବେ । ସେମାନଙ୍କୁ ସହଯୋଗ କରିବାପାଇଁ ବିଭିନ୍ନ ରାଜ୍ୟନୈତିକ ଦଳ ପକ୍ଷରୁ ୨୭ ହଜାରରୁ ଊର୍ଦ୍ଧ୍ୱ ବୁଥ୍‌ସ୍ତରୀୟ ଏଜେଣ୍ଟ ନିୟୋଜିତ ହୋଇଛନ୍ତି ବୋଲି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।

---

## ଭୋଟର ତଥ୍ୟ ସଂଗ୍ରହ

ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଆସନ୍ତାକାଲିଠାରୁ ୫୮୦ରୁ ଅଧିକ ବୁଥ ସ୍ତରୀୟ ଅଧିକାରୀ ଘରେ ଘରେ ବୁଲି ଭୋଟର ତଥ୍ୟ ସଂଗ୍ରହ କରିବେ। ଭୋଟର ତାଲିକାର ସଂଶୋଧନ, ନୂତନ ଭୋଟରଙ୍କ ଅନ୍ତର୍ଭୁକ୍ତି ଏବଂ ମୃତ କିମ୍ବା ଅନୁପସ୍ଥିତ ଭୋଟରଙ୍କ ନାମ ବାଦ ଦେବା କାର୍ଯ୍ୟ କରାଯିବ ।

---

## ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ

ଚଳିତ ଶିକ୍ଷାବର୍ଷରୁ ଓଡ଼ିଆରେ ଯୁକ୍ତଦୁଇ ବିଜ୍ଞାନ ପାଠ୍ୟକ୍ରମ ପଢ଼ାଯିବ । ଯୁକ୍ତ ଦୁଇ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ପାଠ୍ୟପୁସ୍ତକ ଓଡ଼ିଆ ଭାଷାରେ ପ୍ରସ୍ତୁତ କରାଯାଇ ୭୦୦ଟି ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପାଠାଗାରକୁ ଯୋଗାଇ ଦିଆଯାଇଛି । ବିଜ୍ଞାନ ଶିକ୍ଷକମାନଙ୍କ ନିମନ୍ତେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ ହୋଇଥିବା ଜଣାପଡ଼ିଛି ।

---

## ବଦଳି

ରାଜ୍ୟ ସରକାର ସ୍ୱତନ୍ତ୍ର ଗୁଇନ୍ଦା ଶାଖାର ଡିଆଇଜି ଥିବା ୨୦୦୯ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଅଖିଳେଶ୍ୱର ସିଂଙ୍କୁ ଦକ୍ଷିଣ-ପଶ୍ଚିମ ରେଞ୍ଜ୍‌ର

ଡିଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି । ସେହିଭଳି ଦକ୍ଷିଣ-ପଶ୍ଚିମ ରେଞ୍ଜ୍‌ର ଡିଆଇଜି ଥିବା ୨୦୧୦ ବ୍ୟାଚ୍ ଆଇପିଏସ୍ ଅଧିକାରୀ କନଓ୍ୱର ବିଶାଲ ସିଂଙ୍କୁ ଏସ୍‌ଟିଏଫ୍ ର ଡିଆଇଜି ଭାବେ ବଦଳି କରାଯାଇଛି । ଏ ନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ପର୍ଯ୍ୟଟନ ୱେବ୍‌ସାଇଟ୍

କନ୍ଧମାଳ ଜିଲ୍ଲା ପ୍ରଶାସନ ପକ୍ଷରୁ ଦାରିଙ୍ଗବାଡି ପର୍ଯ୍ୟଟନସ୍ଥଳ ପାଇଁ ଏକ ୱେବସାଇଟ୍ ଆରମ୍ଭ କରାଯାଇଛି। ଜିଲ୍ଲା ପ୍ରଶାସନ ସୂଚନା ଅନୁଯାୟୀ, ଏହି ପୋର୍ଟାଲରେ ଦାରିଙ୍ଗବାଡିର ପ୍ରମୁଖ ପର୍ଯ୍ୟଟନସ୍ଥଳ, ଜଳପ୍ରପାତ, ପାଇନ୍ ଜଙ୍ଗଲ, କଫି ବଗିଚା ଓ ଭ୍ୟୁ ପଏଣ୍ଟ ସମ୍ପର୍କିତ ବିସ୍ତୃତ ତଥ୍ୟ ଉପଲବ୍ଧ ରହିଛି। ଏହା ସହିତ ହୋଟେଲ, ରିସର୍ଟ, ହୋମ୍‌ଷ୍ଟେ ଏବଂ ଯାତାୟାତ ସୁବିଧା ସମ୍ପର୍କିତ ସୂଚନା ମଧ୍ୟ ପର୍ଯ୍ୟଟକମାନେ ପାଇପାରିବେ। ଏହି ପଦକ୍ଷେପ ଦାରିଙ୍ଗବାଡି ପର୍ଯ୍ୟଟନକୁ ଅଧିକ ସୁଗମ କରିବା ସହ ଇକୋ-ଟୁରିଜିମ୍ ଓ ସ୍ଥାନୀୟ ଅର୍ଥନୀତିକୁ ପ୍ରୋତ୍ସାହନ ଦେବ ବୋଲି ଆଶା କରାଯାଇଛି। ୱେବ୍‌ସାଇଟ୍ ହେଉଛି **exploredaringbadi.com** ।

## ସାଂସ୍କୃତିକ ସମାରୋହ

କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ ଆନୁକୂଲ୍ୟରେ ଏବଂ ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କଲିକତା ପକ୍ଷରୁ ନବରଙ୍ଗପୁରରେ ଆୟୋଜିତ ଦୁଇଦିନିଆ ‘ଅମୃତ କାଳ ସାଂସ୍କୃତିକ ସମାରୋହ’ ଉଦ୍‌ଯାପିତ ହୋଇଛି। ସମାରୋହରେ ନବରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ଭାରତ ତଥା ଓଡ଼ିଶାର

ସଂସ୍କୃତି, ନୃତ୍ୟ ଓ ସଂଗୀତ ମାଧ୍ୟମରେ କଳାକାରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନର ସୁଯୋଗ ପାଇଛନ୍ତି ବୋଲି କହିଥିଲେ ।

## ତାଲିମ ଶିବିର

ସେଭେନ୍ ଓଡ଼ିଶା ବାଟାଲିୟନ୍ ଏନ୍‌ସିସି ପକ୍ଷରୁ ଭଦ୍ରକ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଏବଂ ତିହିଡିଠାରେ ୧୦ ଦିନିଆ ତାଲିମ ଶିବିର ଆରମ୍ଭ ହୋଇଛି ।

ଲେଫ୍‌ଟନାଣ୍ଟ କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀଙ୍କ ତତ୍ତ୍ୱାବଧାନରେ କ୍ୟାଡେଟ୍‌ମାନଙ୍କୁ ଡ୍ରିଲ୍, ଅସ୍ତ୍ରଶସ୍ତ୍ର ପରିଚାଳନା, ମ୍ୟାପ୍ ରିଡିଂ, ଫିଲ୍ଡ କ୍ରାଫ୍‌ଟ ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଦିଆଯାଉଛି । ବିଭିନ୍ନ ଜିଲ୍ଲାରୁ ୬୦୦ ଜଣ କ୍ୟାଡେଟ୍ ଏଥିରେ ଅଂଶଗ୍ରହଣ କରିଛନ୍ତି ।

## କାଳବୈଶାଖୀ

କାଳବୈଶାଖୀ ପ୍ରଭାବରେ ସୁବର୍ଣ୍ଣପୁର ଜିଲ୍ଲା ବ୍ୟାପକ ଭାବେ ପ୍ରଭାବିତ ହୋଇଛି । ଜିଲ୍ଲା ସଦର ମହକୁମା ସମେତ ବିଭିନ୍ନ ଅଞ୍ଚଳରେ ବିଦ୍ୟୁତ ସରବରାହ ବନ୍ଦ ରହିଛି । ୫୭ ନମ୍ବର ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଏବଂ ଅନ୍ୟାନ୍ୟ ପ୍ରମୁଖ ସଡ଼କ ଉପରେ ବଡ଼ ବଡ଼ ଗଛ ଉପୁଡ଼ି ପଡ଼ିଥିବାରୁ ଯାତାୟାତ ପ୍ରଭାବିତ ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ତାପମାତ୍ରା ସାମାନ୍ୟ ହ୍ରାସ ପାଇଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ଏକସପ୍ତାହ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନା ନେଇ ସତର୍କ ସୂଚନା ଜାରି କରାଯାଇଛି । ଅପରପକ୍ଷରେ ଗତକାଲି ୧୨ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲ୍‌ସିୟସ ଉପରେ ରହିଥିଲା । ବଲାଙ୍ଗିରରେ ସର୍ବାଧିକ ତାପମାତ୍ରା ୪୩ ଦଶମିକ ୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିଲା ।

# ପାରା ଆଥ୍‌ଲେଟ୍

ବେଙ୍ଗାଲୁରୁରେ ଅନୁଷ୍ଠିତ ଅଷ୍ଟମ ଇଣ୍ଡିଆନ୍ ଓପନ୍ ପାରା ଆଥ୍‌ଲେଟିକ୍ସ ଚାମ୍ପିୟାନ୍‌ସିପ୍‌ରେ ଓଡ଼ିଶାର ପ୍ରତିଯୋଗୀମାନେ ୮ଟି ସ୍ୱର୍ଣ୍ଣପଦକ ସହ ମୋଟ୍ ୧୮ଟି ପଦକ ହାସଲ କରିଛନ୍ତି । ପାରା କ୍ରୀଡ଼ା ସଂଘ ପକ୍ଷରୁ ସମସ୍ତ ପଦକ ବିଜେତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ପ୍ରତିଯୋଗିତା ପୂର୍ବରୁ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଖେଳାଳିମାନଙ୍କ ପାଇଁ ୨୪ ଦିନିଆ ପ୍ରସ୍ତୁତି ଶିବିର ଅନୁଷ୍ଠିତ ହୋଇଥିଲା ।